Samaya - April 11, 2023

# ସି ଭି ରମଣ ଗ୍ଲୋବାଲ୍ ୟୁନିଭରସିଟିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଏକ ଆଙ୍କର୍ ପ୍ରତିଷ୍ଠାନ ଭାବରେ ପରିଚିତ ଭୁବନେଶ୍ୱରର ସି ଭି ରମଣ ଗ୍ଲୋବାଲ ୟୁନିଭରସିଟି, ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲ୍ଲାରେ ଭାରତର ଜି ୨୦ ପ୍ରେସିଡେନ୍ସି ସହିତ ଅଂଶଗ୍ରହଣ ଏବଂ ମାଲିକାନା ସମ୍ବନ୍ଧୀୟ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଏହି ସବୁ ଜିଲ୍ଲାରେ ପ୍ରବନ୍ଧ, କୁଇଜ୍, ସ୍ଲୋଗାନ୍ ଲେଖା, ବର୍ଣ୍ଣନା ଏବଂ ରଙ୍ଗୋଲି ଭଳି ବିଭିନ୍ନ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଛି । ଏହି ଅଭିଯାନର ଏକ ଅଂଶ ଭାବରେ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୦ ଏପ୍ରିଲ (ସୋମବାର) ଦିନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତରେ ସୁଯୋଗ ଏବଂ ଆହ୍ୱାନ ଶୀର୍ଷକ ସେମିନାର ଆୟୋଜନ କରିଥିଲା । ବିଶିଷ୍ଟ ବକ୍ତା ତଥା ଇନୋଭାରେ କର୍ପୋରେସନ୍‌ର ସହପ୍ରତିଷ୍ଠାତା ତଥା ସିଟିଓ, ମୋହର ମନୋହର ମିଶ୍ର, ବାଟୋଇ ସିଷ୍ଟମର ନିର୍ଦ୍ଦେଶକ ତଥା ସିଇଓ ଅଶ୍ୱିନୀ ରଥ ଏବଂ ୟୁନିଭ.ଏ ଆଇ ର ସହ-ପ୍ରତିଷ୍ଠାତା ତଥା ସିଇଓ ଡକ୍ଟର ସିଦ୍ଧାର୍ଥ ଦାସ ଭବିଷ୍ୟତରେ ମଣିଷ ଜାତିର ବିକାଶ ଦିଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପଯୋଗିତା ଉପରେ ବକ୍ତୃତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଆଇଟିଆଇ ଏବଂ ପଲିଟେକ୍ନିକ୍‌ର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସି ଭି ରମଣ ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର ସୁଧୀନ୍ଦ୍ର ନାଥ ପଣ୍ଡା ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ର ଯେପରିକି ଦକ୍ଷତା କ୍ଷେତ୍ର, ଷ୍ଟାର୍ଟ ଅପ୍, ଏ ଆଇ, ବିଭିନ୍ନ କଲେଜ ଛାତ୍ରଛାତ୍ରୀ ତଥା ଇଣ୍ଡଷ୍ଟ୍ରି ସମୂହରୁ ୨୫୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ ।

ପ୍ରମେୟ
THE PRAMEYA
BHUBANESWAR 11 Apr, 2023

# ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ଏଆଇ କର୍ମଶାଳା



ଭୁବନେଶ୍ୱର,୧୦।୪(ବ୍ୟୁରୋ): ଭାରତର ଜି-୨୦ ସଭାପତିତ୍ୱ ଅବସରରେ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ବକ୍ତା ତଥା ଇନୋଭାରେ କର୍ପୋରେସନର ସହପ୍ରତିଷ୍ଠାତା ତଥା ସିଟିଓ ମୋହର ମନୋହର ମିଶ୍ର, ବାଟୋଇ ସିଷ୍ଟମର ନିର୍ଦ୍ଦେଶକ ତଥା ସିଇଓ ଅଶ୍ୱିନୀ ରଥ ଏବଂ ୟୁନିଭ ଡଟ୍ ଏଆଇର ସହ ପ୍ରତିଷ୍ଠାତା ତଥା ସିଇଓ ଡ.ସିଦ୍ଧାର୍ଥ ଦାସ ମାନବ ଜାତିର ବିକାଶରେ ଏଆଇର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ସୁଧୀନ୍ଦ୍ର ନାଥ ପଣ୍ଡା ଉଦଘାଟନ କରିଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଏକ ଅଙ୍କର ପ୍ରତିଷ୍ଠାନ ଭାବେ ବିଶ୍ୱବିଦ୍ୟାଳୟ ଢେଙ୍କାନାଳ ଓ ବାଲେଶ୍ୱର ଜିଲାରେ ଜି-୨୦ ପ୍ରେସିଡେନ୍ସି ନେଇ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ସବୁ ଜିଲାରେ ପ୍ରବନ୍ଧ, କ୍ୱିଜ, ସ୍ଲୋଗାନ ଲେଖା, ବର୍ଣ୍ଣନା ଏବଂ ରଙ୍ଗୋଲି ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

Samaj - April 11, 2023

# ସିଭି ରମଣରେ 'କୃତ୍ରିମ ବୁଦ୍ଧିମତା' କର୍ମଶାଳା



ଭୁବନେଶ୍ୱର,୧୦।୪(ଭୁ.ପ୍ର): ଭୁବନେଶ୍ୱରର ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲାରେ ଭାରତର ଜି-୨୦ ଅଧ୍ୟକ୍ଷତା ସହିତ ଅଂଶଗ୍ରହଣ ଏବଂ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରବନ୍ଧ, କୁଇଜ୍, ସ୍ଲୋଗାନ୍ ଲେଖା, ବର୍ଣ୍ଣନା ଏବଂ ରଙ୍ଗୋଲି ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନର ଏକ ଅଂଶଭାବରେ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର 'କୃତ୍ରିମ ବୁଦ୍ଧିମତାର ଭବିଷ୍ୟତରେ ସୁଯୋଗ ଏବଂ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଶିଷ୍ଟ ବକ୍ତା ଭାବେ ମୋହର ମନୋହର ମିଶ୍ର, ବାଟୋଇ ସିଷ୍ଟମର ନିର୍ଦ୍ଦେଶକ ତଥା ସିଇଓ ଅଶ୍ୱିନୀ ରଥ ଏବଂ ଡ. ସିଦ୍ଧାର୍ଥ ଦାସ ଭବିଷ୍ୟତରେ ମଣିଷ ଜାତିର ବିକାଶ ଦିଗରେ କୃତ୍ରିମ ବୁଦ୍ଧିମତା ଉପଯୋଗିତା ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲାର ବିଭିନ୍ନ ଆଇଟିଆଇ ଏବଂ ପଲିଟେକନିକ୍ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର ସୁଧୀନ୍ଦ୍ର ନାଥ ପଣ୍ଡା ଉଦଘାଟନ କରିଥିଲେ।